*This Question Paper contains 16 printed pages.*
***(Part - A & Part - B)***

Sl.No. 0200038

# 09 (O)

(MARCH, 2017)

| પ્રશ્ન પેપરનો સેટ નંબર જેની સામેનું વર્તુળ **OMR** શીટમાં ઘટ્ટ કરવાનું રહે છે. **Set No. of Question Paper circle against which is to be darken in OMR sheet.** |
|---|
| **02** |

**Part - A : Time : 1 Hour / Marks : 50**

**Part - B : Time : 2 Hours / Marks : 50**

---

## (Part - A)

***Time : 1 Hour]*** ***[Maximum Marks : 50***

ସୂଚନା :

1) ଏହି ପ୍ରଶ୍ନପତ୍ରରେ ମୋଟ ୫୦ଟି ପ୍ରଶ୍ନ ରହିଛି ।
2) ପ୍ରତ୍ୟେକ ପ୍ରଶ୍ନପାଇଁ ଚାରୋଟି ଲେଖାଏଁ ବିକଳ୍ପ ଉତ୍ତର ରହିଛି ।
3) ଠିକ୍ ଉତ୍ତର ପାଇଁ **O.M.R.** ରେ ● କରନ୍ତୁ ।
4) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଇଁ ୧ ମାର୍କ ଲେଖାଏଁ ରହିଛି ।
5) ପ୍ରତ୍ୟେକ ପ୍ରଶ୍ନର ଉତ୍ତର **O.M.R.** ରେ ● କରିବା ବାଧ୍ୟତାମୂଳକ ଅଟେ ।

---

1) 'ନିଦାଘ' ର ଅର୍ଥ କ'ଣ ଅଟେ ।

(A) ଝାଳ (B) ବର୍ଷା

(C) ଗ୍ରୀଷ୍ମ (D) ଦାଗଯୁକ୍ତ

2) 'ଅନ୍ଧ ବୁଝା ମଣା' – ଏହି ରୁଢ଼ିର ଅର୍ଥ ଲେଖ ।

(A) ମୂଲ୍ୟ ହୀନ କଥା

(B) ଅନ୍ୟାୟ ବିଚାର

(C) ଘୋର ଶତ୍ରୁତା

(D) ବୃଥା ସ୍ୱପ୍ନ

3) ନ ଦେଖିଲା ଓଉ ଛ' ଫଡ଼ା - ଏହାର ଅର୍ଥ କଣ ?

(A) ଅସମ୍ଭବ କଥା କହିବା

(B) ଅସମ୍ଭବ କଥା ଭାବିବା

(C) ବୃଥା ଚେଷ୍ଟା

(D) ଅସମ୍ଭବ କଥା ପରିକଳ୍ପନା କରିବା

4) ଶୂନ୍ୟ ସ୍ଥାନ ପୂରଣ କର ।

- ଧନ ମଣିଷକୁ ପ୍ରକୃତ ଶାନ୍ତି ଦିଏ ।

(A) ଠକ ଧନ

(B) ଚୋରି ଧନ

(C) କଳା ଧନ

(D) ଝାଳ ବୁହା ଧନ

5) ଚୌଖି ଛନ୍ଦର ତୃତିୟ ପାଦର ଅକ୍ଷର ସଂଖ୍ୟା କେତେ

(A) 6

(B) 8

(C) 9

(D) 10

6) ଯାହାକୁ ତୁଳନା ଦିଆ ଯାଏ ତାକୁ କ'ଣ କହନ୍ତି ।

(A) ଉପମେୟ

(B) ଉପମାନ

(C) ଉପମା

(D) ଉପଯୁକ୍ତ

7) ଆଜ୍ଞା ! ମତେ ଟିକିଏ ସାହାଯ୍ୟ କରନ୍ତୁ ଏହା କି ପ୍ରକାର ବାକ୍ୟ ।

(A) ନାସ୍ତିସୂଚକ ବାକ୍ୟ

(B) ଜଟିଳ ବାକ୍ୟ

(C) ସରଳ ବାକ୍ୟ

(D) ଅନୁରୋଧ / ଆଦେଶ ବାକ୍ୟ

8) 'ଦାରୁଣ' – ଏହି ଶବ୍ଦଟିର ବର୍ଣ୍ଣରୂପ ସଂଖ୍ୟା କେତେ ?

(A) 3

(B) 4

(C) 6

(D) 5

9) 'ମାନଗୋବିନ୍ଦଙ୍କ ମହାନତା' ପଦ୍ୟଟି ମହାଭାରତର କେଉଁ ପର୍ବରୁ ଆସି ଅଛି ।

(A) ସଭା ପର୍ବରୁ

(B) କାଇଁଶିକା ପର୍ବ

(C) ଆଦି ପର୍ବରୁ

(D) ଭୀଷ୍ମ ପର୍ବରୁ

10) ଦୃଶିଳାର ବାପା କିଏ ?

(A) ଦୁର୍ଯ୍ୟୋଧନ

(B) ଦୁର୍ବାଶା

(C) ଧୃତରାଷ୍ଟ୍ର

(D) ପାଣ୍ଡୁ

11) କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ କାହାର କୃତି ?

(A) ଜଗନ୍ନାଥ ଦାସ

(B) ସାରଳା ଦାସ

(C) ନୀଳକଣ୍ଠ ଭଞ୍ଜ

(D) ଉପେନ୍ଦ୍ର ଭଞ୍ଜ

12) 'ରାଘବଙ୍କ ଲଙ୍କାଯାତ୍ରାନୁକୂଳ' କବିତାଟି କେଉଁ ଛାନ୍ଦରେ ରଚିତ ।

(A) ଆଶାବରୀ

(B) ରାମାୟଣ

(C) ବୈଦେହୀଶ ବିଳାସ

(D) ଆକବରୀ

13) 'ଚନ୍ଦ୍ର ଚୂଡ଼' କହିଲେ କେଉଁ ଦେବତାଙ୍କୁ ବୁଝାଏ ।

(A) ବିଷ୍ଣୁଦେବଙ୍କୁ

(B) ବ୍ରହ୍ମଦେବଙ୍କୁ

(C) ଚନ୍ଦ୍ରଦେବଙ୍କୁ

(D) ମହାଦେବଙ୍କୁ

14) ନିଶାଗମନରେ ଅବନୀ କେଉଁ ରୂପ ଧାରଣ କରିଛି ?

(A) ନିସ୍ତବ୍ଧ

(B) ଗମ୍ଭୀର

(C) ନିଶ୍ଚଳ

(D) କୋଳାହଳ

15) ପ୍ରକୃତି କବି କିଏ ?

(A) ଗଙ୍ଗାଧର ମେହର

(B) ହାଡ଼ି ଦାସ

(C) ସାରଳା ଦାସ

(D) ଉପେନ୍ଦ୍ର ଭଞ୍ଜ

16) କିଏ ଭାଟହୋଇ ସ୍ତବ ପାଠ ଆରମ୍ଭ କରିଛନ୍ତି ।

(A) ଭ୍ରମର

(B) ସୁରଭି

(C) ସମିର

(D) କୁମ୍ଭାଟୁଆ

17) 'ତମସା' କାହାର ନାମ ?

(A) ଜନୈକା ନର୍ତ୍ତକୀର

(B) ଏକ ନଦୀର

(C) ସୀତାଙ୍କ ସହଚରୀର

(D) ବ୍ରହ୍ମଚାରୀଣୀ

18) ନବ ଯୁଗର _______ ମାନଙ୍କୁ ଜାଗି ଉଠିବା ପାଇଁ କୁହାଯାଇଛି ।

(A) ତରୁଣ

(B) କୃଷକ

(C) ବୃଦ୍ଧ

(D) ଶ୍ରମିକ

19) କାହାର ଶଙ୍ଖଧ୍ୱନିରେ ଦୁଃଖଜ୍ୱାଳା ପ୍ରଶମିତ ହେବ ।

(A) ମହାଦାନବର

(B) ମହାମାନବର

(C) କବିଙ୍କର

(D) ଯୁବକମାନଙ୍କର

20) ବିଦ୍ୟୁତ୍ ପ୍ରଭା ଦେବୀ କାହାକୁ 'ମା' ବୋଲି କହିଛନ୍ତି ।

(A) ସମାଜକୁ

(B) ଜନ୍ମମାଟିକୁ

(C) ଜନନୀର ସ୍ନେହକୁ

(D) ଜନନୀର କୋଳକୁ

21) ଅମାପ ଧରିଲୁଁ ଦେଏ ଟିକେ ମୋତେ _______ ହେଉ ମୋର ଛାତି

(A) ନିଦା

(B) ଟାଣ

(C) ଦୃଢ଼

(D) ପୋଲା

22) 'ପିତୃବ୍ୟ କହିଲେ କାହାକୁ ବୁଝାଏ ?

(A) ପିତାଙ୍କ ପିତାଙ୍କୁ

(B) ପିତାଙ୍କ ସାନଭାଇଙ୍କୁ

(C) ପିତାଙ୍କ ବନ୍ଧୁଙ୍କୁ

(D) ପିତାଙ୍କ ମାତାଙ୍କୁ

23) କଳ କଣ୍ଠ ର ଅର୍ଥ କ'ଣ ଅଟେ ।

(A) କାକ

(B) କୋଇଲି

(C) କଜଳପାତି

(D) କୁମ୍ଭାଟୁଆ

24) ସମସ୍ତ ଶିକ୍ଷିତ କ'ଣ ସହିବାକୁ ଅକ୍ଷମ ନୁହଁନ୍ତି ।

(A) ଆଭିଜାତ୍ୟ (B) କାୟ-କ୍ଳେଶ

(C) ଦୁଃଖ (D) ନିନ୍ଦା

25) କୃଷ୍ଣ କେତେଦିନକୁ କଷ୍ଟ କରି ମଥୁରାକୁ ଯାଇଥିଲେ ।

(A) ପାଞ୍ଚଦିନକୁ

(B) ତିନିବର୍ଷକୁ

(C) ତିନିଦିନକୁ

(D) ପାଞ୍ଚବର୍ଷକୁ

26) ଜଡ଼ ବିଜ୍ଞାନକୁ କେତେ ଭାଗରେ ବିଭକ୍ତ କରାଯାଇଛି ।

(A) ଦୁଇ ଭାଗରେ (B) ଚାରି ଭାଗରେ

(C) ତିନି ଭାଗରେ (D) ପାଞ୍ଚ ଭାଗରେ

27) ପ୍ରାଚୀନ ରୋମୀୟ ଓ ଗ୍ରୀସୀୟ ସଭ୍ୟତାର ଆଦର୍ଶ କ'ଣ ଥିଲା ।

(A) ଉପକାର

(B) ଅପକାର

(C) ତ୍ୟାଗ

(D) ଭୋଗ

28) ଅନ୍ନଦାଶଙ୍କର ମାତୃଭାଷା କଣ ଥିଲା ।

(A) ହିନ୍ଦୀ

(B) ବଙ୍ଗଳା

(C) ଓଡ଼ିଆ

(D) ଗୁଜୁରାତୀ

29) ଗାନ୍ଧିଜୀ ଓ ରବୀନ୍ଦ୍ରନାଥଙ୍କ ଦୃଷ୍ଟିକୋଣ କିପରି ଥିଲା ।

(A) ଖୁବ୍ ପ୍ରାକ୍ଟିକାଲ୍

(B) ଦୂରଦର୍ଶୀ

(C) ଅଦୂରଦର୍ଶୀ

(D) ଅପରିଣାମ

30) ବିବେକାନନ୍ଦ ପ୍ରଥମ କରି କେବେ ପରିଭ୍ରମଣରେ ବାହାରି ଥିଲେ ।

(A) ୧୮୮୫ ରେ

(B) ୧୮୮୬ ରେ

(C) ୧୮୮୦ ରେ

(D) ୧୮୯୦ ରେ

31) ଦକ୍ଷିଣ ଭାରତ ପରିଭ୍ରମଣ ପରେ ବିବେକାନନ୍ଦ କେଉଁଠାକୁ ଗଲେ ।

(A) ଚିକାଗୋ

(B) ଭାରତ ଭ୍ରମଣରେ

(C) ହିମାଳୟକୁ

(D) ରାଜପୁତାନାକୁ

32) 'କନକ ଲତା' ଉପନ୍ୟାସରେ ରଚୟିତା କିଏ ?

(A) ରାଧାନାଥ ରାୟ

(B) ଫକୀର ମୋହନ ସେନାପତି

(C) ଗଙ୍ଗାଧର ମେହର

(D) ନନ୍ଦକିଶୋର ବଳ

33) 'ଛ' ମାଣ ଆଠଗୁଣ୍ଠ' ଉପନ୍ୟାସର ରଚୟତା କିଏ ?

(A) ଗୋପୀନାଥ ନନ୍ଦ

(B) ଗଙ୍ଗାଧର ମେହେର

(C) ସୁରେନ୍ଦ୍ର ମାହନ୍ତି

(D) ଫକୀର ମୋହନ

34) 'ସମାଜ' କାହାର ଅମଳିନ କୀର୍ତ୍ତୀ

(A) ହରେକୃଷ୍ଣ ମହତାବ

(B) ମଧୁସୂଦନ ଦାସ

(C) ପଣ୍ଡିତ ଗୋପବନ୍ଧୁ ଦାସ

(D) ବସନ୍ତ କୁମାର ବିଶ୍ୱାଳ

35) ଜୟଦେବ ବାବୁ କେଉଁଠାରେ ରହୁଥାନ୍ତି ।

(A) ଟିଟିଲାଗଡ଼ରେ

(B) କେସିଙ୍ଗାରେ

(C) କଳାହାଣ୍ଡିରେ

(D) ଭବାନୀପାଟଣାରେ

36) ଭୁବନେଶ୍ୱର ବେହେରା ଓଡ଼ିଶାର କେଉଁ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ।

(A) ବଲଙ୍ଗୀର

(B) ଭୁବନେଶ୍ୱର

(C) କଟକ

(D) କଳାହାଣ୍ଡି

37) କେଉଁ ନଦୀ ରକ୍ତର ନଦୀ ହୋଇ ଯାଇ ନଥିଲା ।

(A) ଭାର୍ଗବୀ

(B) ଗଙ୍ଗା

(C) ଚିତ୍ରୋତ୍ପଳା

(D) ଏଥିମଧ୍ୟରୁ କେଉଁଟି ନୁହେଁ

38) ଶାରୀରିକ ଅସୁସ୍ଥ ହେତୁ ମହାରାଜ ରାଜ୍ୟର ଦାୟିତ୍ୱ କାହାକୁ ଅର୍ପଣ କରିବାକୁ ଚାହୁଁଛନ୍ତି ।

(A) ମହାରାଣୀଙ୍କୁ

(B) ସେନାପତିଙ୍କୁ

(C) ରାଜଜେମାଙ୍କୁ

(D) ମହାମନ୍ତ୍ରୀଙ୍କୁ

39) ମନ୍ଦିର ଚଢ଼ଉତରା ଉପରେ ବସି ଲୋକମାନେ କ'ଣ ଖେଳନ୍ତି ।

(A) କବାଡ଼ି

(B) ପଶା

(C) ତାସ୍

(D) ବୋହୂଚୋରି

40) କେଉଁ ଗଛ ଗଣ୍ଡି ଉପରେ ମୋଟା ନାଲିସିନ୍ଦୁର ଦାଗ ନଟବର ଦେଖିଥିଲେ ।

(A) ଆମ୍ବ

(B) ବେଲ

(C) କେନ୍ଦୁ

(D) ଅଶ୍ୱତ୍ଥ

41) ଭଗୀରଥ କାହାର ବାଟ କଢ଼େଇ ପୃଥିବୀକୁ ଆଣି ଥିଲେ ।

(A) ବ୍ରହ୍ମପୁତ୍ରର

(B) ଗଙ୍ଗାର

(C) ଯମୁନାର

(D) ଗୋଦାବରୀର

42) ହିରଣ୍ୟକଶ୍ୟପକୁ କିଏ ବିଦାରଣ କରିଥିଲେ ।

(A) ମହାଦେବ

(B) ଭଗବାନ୍ ବିଷ୍ଣୁ

(C) ଦେବରାଜ ଇନ୍ଦ୍ର

(D) ବ୍ରହ୍ମଦେବ

43) ବାପାର ତ୍ରୁଟିକୁ ସୁଧାରିବାରେ କିଏ ସମର୍ଥ ହୁଏ ?

(A) ପୁଅ

(B) ଜୋଇଁ

(C) ମାଆ

(D) ନାତି

44) 'ରଜନୀ'ର ପ୍ରତିଶବ୍ଦ ଲେଖ ।

(A) ଦିବସ

(B) ସକାଳ

(C) ବିଭାବରୀ

(D) ସଂଧ୍ୟା

45) ଦଣ୍ଡଧାରୀ – ଏହା କେଉଁ ପ୍ରକାର ସମାସ ଅଟେ ।

(A) ବହୁବ୍ରିହୀ ସମାସ

(B) ତତ୍‌ପୁରୁଷ ସମାସ

(C) କର୍ମଧାରୟ ସମାସ

(D) କେଉଁଟି ନୁହେଁ

46) ବାଗୀଶ୍ୱରୀ – ଶବ୍ଦର ସନ୍ଧିବିଚ୍ଛେଦ କର ।

(A) ବାଗୀଶ + ଅରୀ

(B) ବାଗି + ଈଶ୍ୱରୀ

(C) ବାକୀଶ + ଅରୀ

(D) ବାକ୍ + ଈଶ୍ୱରୀ

47) ଶୂନ୍ୟ ସ୍ଥାନ ପୂରଣ କର ।

ଜାନକୀ ଦର୍ଶନ – ହୃଦୟେ ବହି

(A) ଆଶା

(B) ତୃଷା

(C) ତୃଷା

(D) ଦିଶା

48) ସଜ୍ଜିତ – କେଉଁ ପଦ ଅଟେ ।

(A) ସର୍ବନାମ

(B) ବିଶେଷଣ

(C) ବିଶେଷ୍ୟ

(D) ଅବ୍ୟୟ

49) ସନ୍ଦେହ – ର ବିପରୀତାର୍ଥବୋଧକ ଶବ୍ଦ ଲେଖ ।

(A) ନିଃସନ୍ଦେହ

(B) ନିସନ୍ଦେହ

(C) ସନ୍ଦେହୀ

(D) ସୁଯୋଗ

50) ଶୁଦ୍ଧ ରୂପ ଲେଖ ।

(A) ଦୋଷ ଭକ୍ତ

(B) ଦେସଭକ୍ତ

(C) ଦେଷ ଭକ୍ତ

(D) ଦେଶଭକ୍ତ

# 09 (O)

(MARCH, 2017)

## (Part - B)

*Time : 2 Hours]* *[Maximum Marks : 50*

ସୂଚନା :

1) ଏହି ପ୍ରଶ୍ନପତ୍ରରେ ମୋଟ ୪ ଟି ବିଭାଗ ରହିଛି ।
2) ସମସ୍ତ ପ୍ରଶ୍ନର ଉତ୍ତର ଲେଖିବା ବାଧ୍ୟତା ମୂଳକ ଅଟେ ।
3) ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।
4) ପ୍ରତ୍ୟେକ ପ୍ରଶ୍ନର ଦକ୍ଷିଣ ପାର୍ଶ୍ୱରେ ମୂଲ୍ୟାଙ୍କନ ଦର୍ଶାଇ ଦିଆଯାଇଛି ।
5) ପ୍ରତ୍ୟେକ ବିଭାଗରେ ଉତ୍ତର ନୂତନ ପୃଷ୍ଠାରେ ଲେଖିବେ ।

### ବିଭାଗ - କ (ପଦ୍ୟ)

1) ନିମ୍ନଲିଖିତ ମଧ୍ୟରୁ ଯେ କୌଣସି ୧ଟି ର ଉତ୍ତର ପ୍ରାୟ ୧୦୦ଟି ଶବ୍ଦରେ ଲେଖ । [5]

କ) ଲଙ୍କା ଯାତ୍ରା ନିମନ୍ତେ ରାଘବଙ୍କ ପ୍ରୟସ ବର୍ଣ୍ଣନା କର ?

ଖ) ମଙ୍ଗଳେ ଅଇଲା ଉଷା ରେ ବାଲ୍ମୀକି ଆଶ୍ରମର ପ୍ରଭାତ କାଳୀନ ପ୍ରକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କର ।

2) ଯେ କୌଣସି ୧ଟି ର ସରଳାର୍ଥ ଲେଖ । [4]

କ) ହରାଇ କରି ପଛେ ଶିଖିଲି ମୁଁ ବୁଦ୍ଧି
ପାଦତା ଟାଳିଲି ମୁଁ ୟେଡ଼େକ ସଂପ୍ରଧି ।।

ଖ) ଭିନ୍ନ କରି ସେ ତନ୍ଦ୍ରାପରଶ
ହସାଅ ଭୁବନ ସାରା ।

3) ଯେ କୌଣସି ୨ଟି ର ଉତ୍ତର ସଂକ୍ଷେପରେ ଲେଖ । [2]

କ) ଦୁର୍ଯ୍ୟୋଧନ ଅତ୍ୟନ୍ତ ଖୁସି ହେଲେ କାହିଁକି ?

ଖ) ମାଟିର 'ମା' ଆମ ଦୋଷକୁ କାହିଁକି କ୍ଷମା କରିଛି ?

ଗ) ହ୍ରଦ ମଧ୍ୟଭାଗରେ କାହାର ପ୍ରତିବିମ୍ବ ଶୋଭା ପାଉଛି ।

## ବିଭାଗ - ଖ (ଗଦ୍ୟ)

4) ନିମ୍ନଲିଖିତ ମଧ୍ୟରୁ ଯେ କୌଣସି ୧ଟି ର ଉତ୍ତର ପ୍ରାୟ ୧୦୦ଟି ଶବ୍ଦରେ ଲେଖ । [5]

କ) 'ଜନ୍ମଭୂମି' ପ୍ରବନ୍ଧରେ ଲେଖକ ଶିକ୍ଷିତ ସମାଜକୁ କି ପରାମର୍ଶ ଦେଇଛନ୍ତି ।

ଖ) ସଭ୍ୟତା ଓ ବିଜ୍ଞାନ ପରସ୍ପର ଆଶ୍ରୟୀ - ଏହାର ଯଥାର୍ଥତା ନିଜର ଅନୁଭୂତିରୁ ଲେଖ ।

5) ଯେ କୌଣସି ୧ଟି ସପ୍ରସଙ୍ଗ ସରଳାର୍ଥ ଲେଖ । [4]

କ) ଭୋକିଲା ଲୋକଙ୍କର ଦୁଃଖକୁ ନିଜ ଆଖିରେ ଦେଖି ତାଙ୍କ ହୃଦୟ ବିଚଳିତ ହେଲା

ଖ) ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ

6) ଯେ କୌଣସି ୨ଟି ଉତ୍ତର ସଂକ୍ଷେପରେ ଲେଖ । [2]

କ) ସବୁଜ ଚେତନାର ପାଞ୍ଚଜଣ ପ୍ରମୁଖ ତରୁଣ ସାହିତ୍ୟିକ କିଏ ।

ଖ) କବିବର ରାଧାନାଥ ରାୟଙ୍କ କି କି କୃତି ରହିଛି ।

ଗ) କେଉଁ ମାନଙ୍କୁ 'ରିଙ୍ଗ୍‌ଲିଡ଼ର' କୁହାଯାଉଥିଲା ।

## ବିଭାଗ - ଗ (ଗଳ୍ପ ଓ ଭାବ ସମ୍ପ୍ରସାରଣ)

7) ଯେ କୌଣସି ୨ଟି ର ଉତ୍ତର ଅତି କମ୍‌ରେ ୨୦ଟି ଶବ୍ଦରେ ଲେଖ । [4]

କ) କଳିଯୁଗ ର ଶେଷ ହେବ କିପରି ?

ଖ) ଅଶୋକ କାହିଁକି ଯୁଦ୍ଧ ବିରତି ଘୋଷଣା କଲେ ।

ଗ) ଗାଁ ର ଥିବା ଶିବମନ୍ଦିର ର ପରିବେଶ କିପରି ଥିଲା ।

8) ଯେ କୌଣସି ୧ଟି ର ଉତ୍ତର ପ୍ରାୟ ୩୦ଟି ଶବ୍ଦରେ ଲେଖ । [2]

କ) ସୁନ୍ଦଅସୁର କିପରି ଦେହତ୍ୟାଗ କଲେ ।

ଖ) ଆଗନ୍ତୁକ ଧରମା 'ମା'ଙ୍କୁ କି ଖବର ଦେଲେ ।

9) ଯେ କୌଣସି ୧ଟି ର ଭାବ ସଂପ୍ରସାରଣ କର । [4]

କ) ପୃଥିବୀ ଗୋଟିଏ ରଙ୍ଗମଞ୍ଚ ।

ଖ) ବସି ଖାଇଲେ ନଇବାଲି ସରେ ।

ଗ) ମନୁଷ୍ୟର ଆଦର୍ଶ ଯେପରି ତାର ଜୀବନ ମଧ୍ୟ ସେହି ପରି ହୁଏ ।

10) ଯେ କୌଣସି ୧ଟି ର ଭାବାର୍ଥ ଲେଖ । [4]

କ) ''ମହତ ଆଶ୍ରୟ ମହତ ରହିଲେ
ନ ହୁଏ ମହତ୍ତ୍ୱ ହାନି
ମହାରଣ୍ୟେ ବିନା ଆଶ୍ରୟ ନ ନିଏ
ମୃଗରାତ ଜାହାଜାଣି'' ।

ଖ) ଉଚ୍ଚ ଲୋକଠାରେ ଉଚ୍ଚ ଆଶା କରେ
ନ ହୁଏ କେବେ ନିଷ୍ଫଳ
ଜଳ ସ୍ତର ଯେବେ ଉର୍ଦ୍ଧ୍ୱକୁ ଉଠଇ
ବୋହି ନିଏ ମେଘ ଜଳ'' ।

ଗ) ଯେଉଁ ଗୋରୁ ହତ୍ୟା ଲାଗିଲା ଇଶ୍ୱରେ
ଗଲେ କୈଳାଶୁ ବାହାରି
କଉତୁକ ଷଣ୍ଢା-ସୁରକୁ ମାଇଲେ
ପାପ ପୁଣ୍ୟ ନ ବିଚାରି ।

ଘ) ଭଗବାନ ହାରିଥାଏ ଭକ୍ତଙ୍କ ଠାରେ କିନ୍ତୁ ପ୍ରକୃତି ହାରିଥାଏ କବିଙ୍କ ଠାରେ ।

## ବିଭାଗ - ଘ (ପ୍ରବନ୍ଧ ଓ ପତ୍ରଲେଖନ)

11) ଯେ କୌଣସି ୧ଟି ପ୍ରବନ୍ଧ ପ୍ରାୟ ୨୦୦ଟି ଶବ୍ଦରେ ଲେଖ । [8]

କ) ଭୂମିକମ୍ପ ।

ସୂଚନା:- (୧) ଉପକ୍ରମ (୨) ଭୂମିକମ୍ପର କାରଣ (୩) ଉଦ୍ଧାର କାର୍ଯ୍ୟ (୪) ପୂର୍ବବର୍ତ୍ତୀ ସାବଧାନତା (୫) ଉପସଂହାର

ଖ) ବିଜ୍ଞାନର ଉପକାରିତା ଓ ଅପକାରିତା

ସୂଚନା:- (୧) ଉପକ୍ରମ (୨) ବିଜ୍ଞାନର ଉପକାର (୩) ବିଜ୍ଞାନର ଅପକାରିତା (୪) ଉପସଂହାର

ଗ) ପଲ୍ଲୀର ବର୍ଷାକାଳୀନ ଦୃଶ୍ୟ :-

ସୂଚନା:- (୧) ଉପକ୍ରମ (୨) ବର୍ଷାକାଳୀନ ଆକାଶ (୩) ବର୍ଷାକାଳୀନ ପଲ୍ଲୀ ଭୂମି (୪) ବର୍ଷାକାଳୀନ ପର୍ବପର୍ବାଣୀ (୫) ଉପସଂହାର ।

12) ଯେ କୌଣସି ୧ଟିର ପତ୍ର /ଦରଖାସ୍ତ ଲେଖ । [6]

କ) ତୁମ ହଜିଥିବା ସାନଭାଇଙ୍କୁ ଖୋଜିବା ପାଇଁ ଥାନା ଅଫିସରଙ୍କ ପାଖକୁ ଦରଖାସ୍ତ ।

ଖ) ତୁମ ଜିଲ୍ଲାରେ କୌଣସି ଏକ ଦର୍ଶନୀୟ ସ୍ଥାନ ବର୍ଣ୍ଣନା କରି ସାଙ୍ଗଙ୍କ ନିକଟକୁ ପତ୍ର ଲେଖ ।

ଗ) ସ୍କୁଲର ପୁସ୍ତକ ବ୍ୟାଙ୍କରୁ ପୁସ୍ତକ ନେବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ଦରଖାସ୍ତ ।

✵ ✵ ✵ ✵ ✵